**ଓଡିଶା ସରକାର**
**ସ୍ୱରାଷ୍ଟ୍ର ବିଭାଗ**

**<u>ଅଧିସୂଚନା</u>**

**ଭୁବନେଶ୍ୱର, ତା.** ୨୪.୦୩.୨୦୨୪

ସଂଖ୍ୟା ସ୍ୱରାଷ୍ଟ୍ର – ନିଓପ୍ର – ସୃଷ୍ଟି୨ – ୦୦୧୦ – ୨୦୨୧ ୨୪୫୩୩ /ନିଓପ୍ର, ଭାରତୀୟ ନାଗରିକ ସୁରକ୍ଷା ସଂହିତା, 2023 (46 of 2023 ) ର ଉପଧାରା 2 .1. (u) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ ଏବଂଉକ୍ତ ବିଷୟରେ ପୂର୍ବରୁ ଜାରି କରାଯାଇଥିବା ସମସ୍ତ ଅଧିସୂଚନା ଗୁଡିକୁ ଅଧିକ୍ରମଣକ୍ରମେ ରାଜ୍ୟ ସରକାର ଏତଦ୍ୱାରା କେନ୍ଦୁଝର ସହରରେ **କେନ୍ଦୁଝର ଟ୍ରାଫିକ ଥାନା** ପ୍ରତିଷ୍ଠା ଘୋଷଣା କରୁଛନ୍ତି ଯାହାର ନିମ୍ନଅନୁସୂଚୀର ସ୍ତମ୍ଭ (୨) ରେ ଉଲ୍ଲିଖିତ ସ୍ଥାନୀୟ କ୍ଷେତ୍ରମାନ ଅନ୍ତରଭୁକ୍ତ ହେବ । ଏହି ଅଧିସୂଚନା ଓଡିଶା ଗେଜେଟରେ ପ୍ରକାଶିତ ହେବା ତାରିଖଠାରୁ ବଳବତ୍ତର ରହିବ।

**<u>ଅନୁସୂଚୀ</u>**

| **ପୋଲିସ ଥାନାର ନାମ** | **କ୍ଷେତ୍ର ପରିଧି** |
|---|---|
| **(୧)** | **(୨)** |
| କେନ୍ଦୁଝର ଟ୍ରାଫିକ ଥାନା | (୧) ସମଗ୍ର କେନ୍ଦୁଝର ଗଡ ପୌରାଞ୍ଚଳ ।<br><br>(୨) ସମଗ୍ର ଆନନ୍ଦପୁର ପୌରାଞ୍ଚଳ ।<br><br>(୩) ୪୯ ନମ୍ବର ଜାତୀୟ ରାଜପଥରେ ଥିବା ସମଗ୍ର ବିସ୍ତୃତ ସଡକ ଭାରତୀୟ ଜାତୀୟ ରାଜପଥ ପ୍ରାଧିକାରୀଙ୍କ ଦ୍ୱାରା ଅଧିକୃତ ତଥା ପରିଚାଳିତ ।<br><br>(୪) ୨୦ ନମ୍ବର ଜାତୀୟ ରାଜପଥରେ ଥିବା ସମଗ୍ର ବିସ୍ତୃତ ସଡକ ଭାରତୀୟ ଜାତୀୟ ରାଜପଥ ପ୍ରାଧିକାରୀଙ୍କ ଦ୍ୱାରା ଅଧିକୃତ ତଥା ପରିଚାଳିତ ।<br><br>(୫) ୨୨୦ ନମ୍ବର ଜାତୀୟ ରାଜପଥରେ ଥିବା ସମଗ୍ର ବିସ୍ତୃତ ସଡକ ଭାରତୀୟ ଜାତୀୟ ରାଜପଥ ପ୍ରାଧିକାରୀଙ୍କ ଦ୍ୱାରା ଅଧିକୃତ ତଥା ପରିଚାଳିତ ।<br><br>(୬) ସମଗ୍ର ରାଜ୍ୟ ରାଜପଥ ଏବଂ ଅନ୍ୟାନ୍ୟ ଜିଲ୍ଲା ସଡକ ମାନ ଯାହାକି ପୂର୍ତ୍ତ ତଥା ରାସ୍ତା ଓ ଗୃହ ନିର୍ମାଣ ବିଭାଗ,ଗ୍ରାମ୍ୟ ଉନ୍ନୟନ ଯୋଜନା ବିଭାଗ, ଜଳସେଚନ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ର ଅଧୀନରେ ଥିବା ସମଗ୍ର ସଡକ, ଟାଉନ ଥାନା, ସଦର ଥାନା, ତେଲକୋଇ ଥାନା, କାଞ୍ଜିପାଣି ଥାନା, ନୟାକୋଟ ଥାନା, ପଣ୍ଡାପଡା ଥାନା, ହରିଚନ୍ଦନପୁର ଥାନା, ଦୈତାରୀ ଥାନା, ପାଟଣା ଥାନା, ଘଟଗାଁ ଥାନା, ରାମଚନ୍ଦ୍ରପୁର ଥାନା, ଘଷିପୁରା ଥାନା, ଆନନ୍ଦପୁର ଥାନା, ନନ୍ଦିପଦା ଥାନା ଓ ସୋସୋ ଥାନା ଅନ୍ତର୍ଭୁକ୍ତ ଅଟେ । |

ରାଜ୍ୟପାଳଙ୍କ ଆଦେଶ କ୍ରମେ

15/3/2024

(ଡା. ସନ୍ତୋଷ ବାଲା, ଭା. ପୋ. ସେ)
ସ୍ୱତନ୍ତ୍ର ଶାସନ ସଚିବ

P.T.O.

ଜ୍ଞାପକ ସଂଖ୍ୟା ୨୪୬୩୮ / ନିଓପ୍ର, ତା. ୧୫.୦୩.୨୦୨୪

ଏହାର ନକଲ ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଯାଉଅଛି ଯେ, ସେ ଉକ୍ତ ଅଧିସୂଚନା କୁ ଓଡିଶା ଗେଜେଟ ର ଆଗାମୀ ଅସାଧାରଣ ଅଙ୍କ ରେ ପ୍ରକାଶିତ କରନ୍ତୁ ।

ତାଙ୍କୁ ଅନୁରୋଧ ଯେ ସେ ଉକ୍ତ ପ୍ରକାଶନର ୧୦ କିତା ନକଲ ସ୍ୱରାଷ୍ଟ୍ର ବିଭାଗ ର ନିର୍ଦ୍ଦେଶ ଓ ପ୍ରଶାସନିକ ଉପବିଭାଗ କୁ ପଠାଇବେ ।

ସୁଶ୍ରୀ ଷଡଙ୍ଗୀ 15/3/24

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୪୬୩୯ / ନିଓପ୍ର, ତା. ୧୫.୦୩.୨୦୨୪

ଏହାର ନକଲ ମହାନିର୍ଦ୍ଦେଶକ ଓ ଆରକ୍ଷୀ ମହାନିରୀକ୍ଷକ, ଓଡିଶା , କଟକ / ଉପ ନିର୍ଦ୍ଦେଶକ, ଜନଗଣନା ନିର୍ଦ୍ଦେଶାଳୟ, ୟୁନିଟ – ୯, ଜନପଥ, ଭୁବନେଶ୍ୱର / ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ / ବିଧି ବିଭାଗ / ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗ / ଆୟୁକ୍ତ, ଭୂଲେଖ ଓ ବନ୍ଦୋବସ୍ତ, ଓଡିଶା, କଟକ / ସଦସ୍ୟ, ରାଜସ୍ୱ ପରିଷଦ, ଓଡିଶା, କଟକ / ରାଜସ୍ୱ ଡିଭିଜନାଲ ଆୟୁକ୍ତ (ଉତ୍ତର ପ୍ରଭାଗ), ସମ୍ବଲପୁର / ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ, କେନ୍ଦୁଝର / ଉପଆରକ୍ଷୀ ମହାନିରୀକ୍ଷକ, ପଶ୍ଚିମାଞ୍ଚଳ, ରାଉରକେଲା / ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସୁଶ୍ରୀ ଷଡଙ୍ଗୀ 15/3/24

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୪୬୮୦ / ନିଓପ୍ର, ତା. ୧୫.୦୩.୨୦୨୪

ଏହାର ନକଲ ଆରକ୍ଷୀ ଅଧୀକ୍ଷକ, କେନ୍ଦୁଝର ଙ୍କ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ତାଙ୍କୁ ଅନୁରୋଧ ଯେ ସେ ଉକ୍ତ ପ୍ରକାଶନର ନକଲ ଆରକ୍ଷୀ ନିରୀକ୍ଷକ, କେନ୍ଦୁଝର ଟ୍ରାଫିକ ଥାନା କୁ ପ୍ରଦାନ କରିବେ ।

ସୁଶ୍ରୀ ଷଡଙ୍ଗୀ 15/3/24

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୪୬୮୧ / ନିଓପ୍ର, ତା. ୧୫.୦୩.୨୦୨୪

ଏହାର ନକଲ ସ୍ୱରାଷ୍ଟ୍ର ବିଭାଗ ର ପୋଲିସ ସମ୍ପୃକ୍ତ ସମସ୍ତ ଉପବିଭାଗ / ସ୍ୱରାଷ୍ଟ୍ର (ବଜେଟ ଓ ଯୋଜନା) ବିଭାଗ / ସ୍ୱରାଷ୍ଟ୍ର (ସ୍ୱତନ୍ତ୍ର) ବିଭାଗ / ନିର୍ଦ୍ଦେଶ ଓ ପ୍ରଶାସନିକ ଉପବିଭାଗ ର ଗାର୍ଡ ଫାଇଲ (୫ କିତା ନକଲ) ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସୁଶ୍ରୀ ଷଡଙ୍ଗୀ 15/3/24

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୪୬୮୨ / ନିଓପ୍ର, ତା. ୧୫.୦୩.୨୦୨୪

ଏହାର ନକଲ ଯୋଗାଯୋଗ ଅଧିକାରୀ, ତଥ୍ୟ ପରିଚାଳନା ୟୁନିଟ୍, ସ୍ୱରାଷ୍ଟ୍ର ବିଭାଗ ଙ୍କ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସୁଶ୍ରୀ ଷଡଙ୍ଗୀ 15/3/24

ଅତିରିକ୍ତ ଶାସନ ସଚିବ

24-30